# ପିଲାମାନଙ୍କ ପାଇଁ ବାଇବଲ
## ଉପହାର



## ଯୀଶୁ ଓ ଜଖିୟ

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Ruth Klassen
Alastair Paterson
ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ଦିନେ, ଯୀଶୁ ଯିରହୋ

ମଧ୍ୟଦେଇ ଯାଉଥିଲେ ।

ଅନେକ ଆଗରେ

ଯିହୋଶୂୟ ଏହି ନଗରକୁ

ଧ୍ୱଂଶ କରିଥିଲେ । ବର୍ତ୍ତମାନ୍

ପୁଣି ସେହି ନଗରକୁ

ଗଢ଼ାଯାଇଥିଲା ଓ ଅନେକ

ଲୋକ ସେଠାରେ ବାସ

କରୁଥିଲେ । ସେମାନଙ୍କ

ମଧ୍ୟରୁ ଜକ୍ଷିୟ ନାମରେ

ଏକ ବ୍ୟକ୍ତି ମଧ୍ୟ ବାସ

କରୁଥିଲେ ।



ହୋଇପାରେ ଯିରିହୋରେ ଅନ୍ୟ କେହିମଧ୍ୟ ଜଖିୟଙ୍କୁ ପସନ୍ଦ କରୁନଥିବେ କାରଣ ସେ କରଗ୍ରାହୀ ଥିଲେ ଓ ସେମାନଙ୍କଠାରୁ କର ଆଦାୟ କରୁଥିଲେ । ଜଖିୟ ସଂଚିତ କିଛି ଅଂଶ ସରକାରକୁ ଦେଉଥିଲେ ମାତ୍ର ବହୁମାତ୍ରାରେ ଧନ ନିଜ ନିଜପାଇଁ ରଖିଲେ ।

ସେ କରଗ୍ରାହି ଥିବାରୁ ଅତ୍ୟଧିକ ଧନୀ ହୋଇଗଲେ । ହୋଇପାରେ ତାଙ୍କ ଗୃହ ସେହି ସମାଜରେ ବୃହତ୍ତର ଓ ସୁନ୍ଦର ହୋଇଥିବ ।



କିନ୍ତୁ ସେ ବହୁତ ନୀଚ଼ ଥିଲେ-ଧନରେ ନୁହେ ମାତ୍ର ଉଚ଼ତାରେ ସେ ବାଙ୍ଗର ଥିଲେ । ସେ ବଢ଼ି ନଥିଲେ, ଉଚ଼ତାରେ ସେ ଅନ୍ୟ ଲୋକମାନଙ୍କ ପରି ଲମ୍ବା ନଥିଲେ ।





ଯେତେବେଳେ ଯିରହୋକୁ ଯୀଶୁଙ୍କ ଆସିଥିବା କଥା ଜଖିୟ ଶୁଣିଲେ, ସେହି ଗେଡ଼ା ଜଖିୟ ଯୀଶୁଙ୍କୁ ଦେଖିବାକୁ ଇଛା କଲେ ଯେ କି ନିଜକୁ ଇଶ୍ୱରଙ୍କ ପୁତ୍ର କହୁଥିଲେ ।

କିନ୍ତୁ ଲୋକମାନଙ୍କ ଭିଡ଼ ସକାଶୁଁ ... ଲୋକମାନେ ଉଚ଼ା ଥିଲେ ।



ଜଖିୟ ଏକ ଉପାୟ ଚିନ୍ତା କଲେ, ଯଦି ସେ
ଗହଳିର ଆଗକୁ ଯିବେ ... ଏକ ଗଛରେ
ଚଢ଼ିଲେ ଯାହା ରାସ୍ତା ପାଖରେ ଥିଲା ...
ସେଠାରୁ ସେ ଯୀଶୁଙ୍କୁ
ଦେଖି ପାରିବେ ।



ସେ ଏକ ଡିମ୍ବିରିଗଛରେ ଚଢ଼ିଲେ, ଜକିୟ
ସେଠାରେ ଏକ ସୁନ୍ଦର ସ୍ଥାନ ପାଇ
ଭଲଭାବରେ ବସି ଯୀଶୁଙ୍କର ଅପେକ୍ଷା
କଲେ । ସେ ଭାବିଥାଇ ପାରନ୍ତି ସେଠାରୁ
ମୁଁ ଭଲ ଭାବରେ ଦେଖି ପାରିବି ।
ସେ ଭାବୁଥିଲା କେହିମଧ୍ୟ ମତେ
ଦେଖିବେ ନାହିଁ ମାତ୍ର ମୁଁ ଯୀଶୁଙ୍କୁ
ଦେଖି ପାରିବି ।

ଜଖିୟ, ଶିଘ୍ର ଓହ୍ଲାଇ ଆସ । ସେହି ଛୋଟ
କରଗ୍ରାହୀ ନିଜ କାନକୁ ବିଶ୍ୱାସ କରି
ପାରିଲେ ନାହିଁ । ଯୀଶୁ ସେହି ଗଛ
ମୂଳରେ ଛିଡ଼ାହୋଇଥିଲେ ।
ଯୀଶୁ ତାହାଙ୍କୁ ଅନାଇଥିଲେ ।
ଯୀଶୁ ତାଙ୍କୁ ଡାକୁଛନ୍ତି ।





ଯଦି ଜଖିୟ ଯୀଶୁଙ୍କ ଡାକ ଶୁଣି
ଆଶ୍ଚର୍ଯ୍ୟ ହୋଇଥିଲେ, ସେ ନିଶ୍ଚିତ
ଭାବରେ ଚ଼ମକି ଯାଇଥିବେ
ଯେତେବେଳେ ଯୀଶୁ ତାହାଙ୍କୁ କହିଲେ,
ମୋତେ ଅବଶ୍ୟ ତୁମ୍ଭ ଘରେ ରହିବାକୁ
ହେବ । ଜଖିୟ ଏତେ ଶିଘ୍ର ଓହ୍ଲାଇଲେ
ଯେ ସେ ପଡ଼ିବା ଉପରେ ଥିଲେ ।

ଜଖିୟ ହୃଦୟ ଆନନ୍ଦରେ ଭରିଗଲା କାରଣ ଯୀଶୁ ତାଙ୍କ ଗୃହକୁ ଯାଉଛନ୍ତି ।
କିନ୍ତୁ ଅନେକ ଲୋକ ଏହା ପସନ୍ଦ କଲେନାହିଁ । ସେମାନେ ବଡ଼ସା କରି
କହିବାକୁ ଲାଗିଲେ, ସେ ଜଖିୟ ପରି ଜଣେ ପାପୀ ଲୋକର
ଗୃହକୁ ଗଲେ ।





ଯୀଶୁ ଜଖିୟଙ୍କ ଜୀବନରେ ନୂତନ
ଜୀବନ ଆଣିଲେ । ଜଖିୟ
କହିଲେ, ହେ ପ୍ରଭୁ, ମୁଁ ମୋହର
ଅର୍ଦ୍ଧେକ ସମ୍ପତ୍ତି ଦରିଦ୍ରମାନଙ୍କୁ ଦାନ
କରିବି । ଆଉ ଯଦି ଅନ୍ୟାୟରେ
କାହାରିଠାରୁ କିଛି ନେଇଥାଏ
ତେବେ ଚାରିଗୁଣରେ ତାହା
ଫେରାଇ ଦେଉଅଛି ।

ଯୀଶୁ ଜଖିୟଙ୍କ ନୂତନ ଜୀବନରେ
ସନ୍ତୁଷ୍ଟ ହେଲେ । ସେ ଲୋକମାନଙ୍କୁ
ସେମାନଙ୍କର ପାପରୁ ଫେରି ଯାହା
ଉତ୍ତମ ତାହା କରୁଥିବା ଦେଖିବାକୁ
ଇଚ୍ଛା କରନ୍ତି । ଯୀଶୁ କହିଲେ,
କାରଣ ଯାହା ହଜିଅଛି ତାହା
ଖୋଜି ରକ୍ଷା କରିବାକୁ
ମନୁଷ୍ୟପୁତ୍ର ଆସିଅଛନ୍ତି ।
ସେହିଦିନ ଯିରିହୋରେ ଯୀଶୁ
ଜଖିୟଙ୍କୁ ପାଇଲେ !



# ଯୀଶୁ ଓ ଜଖିୟ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଲୂକ ୧୯

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଈଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଈଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬